# ଧାନବସ୍ତା ରଖି ରାଜପଥ ଅବରୋଧ


ଧାନବସ୍ତା ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରାଯାଇଛି।

ଢେଙ୍କାନାଳ,୨୩।୩(ରତନ ନାୟାର)

**ଟୋକନ ଥାଇ ଧାନ ଉଠା ନ ଯିବାରୁ ତାତିଲେ ଚାଷୀ**

ଟୋକନ ପାଇଥିଲେ ମଧ୍ୟ ମଣ୍ଡିରେ ଧାନ ଉଠା ନ ଯିବାରୁ ତାତିଛନ୍ତି ଚାଷୀ। ଧାନ କିଣାରେ ଏପରି ଅବ୍ୟବସ୍ଥା ପ୍ରତିବାଦରେ ସେମାନେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥକୁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଝାରଗାଡ଼ିଆଠାରେ ସୋମବାର ପୂର୍ବାହ୍ନ ୧୦ଟାରେ ଧାନବସ୍ତା ରଖି ଅବରୋଧ କରିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା।

ଚାଷୀମାନେ କହିଛନ୍ତି, ଗଦାଶିଳା ମଣ୍ଡିର ୧୪୫ ଜଣ ଚାଷୀ ଟୋକନ ପାଇଥିଲେ ମଧ୍ୟ ସେମାନଙ୍କ ୩୫୦୦ କୁଇଣ୍ଟାଲ ଧାନ ମଣ୍ଡିରେ ଉଠାଯାଇ ନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରତିବାଦରେ ଚାଷୀମାନେ ଧାନବସ୍ତା ରଖି ରାଜପଥ ଅବରୋଧ କରିଥିଲେ। ଖବରପାଇ ପୋଲିସ ଓ ଯୋଗାଣ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, ଚାଷୀମାନଙ୍କ ଧାନ ମଙ୍ଗଳବାର ଉଠାଯିବ। ଚାଷୀମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାରେ ଚଳିତବର୍ଷ ଧାନ କିଣାକୁ ନେଇ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଥିବାରୁ ବିଭିନ୍ନ ଅଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

# ଅଭିରାମ ପରମହଂସଙ୍କ ବାର୍ଷିକ ନାମଯଜ୍ଞ

ଢେଙ୍କାନାଳ,୨୩।୩(ରତନ ନାୟାର)

ଢେଙ୍କାନାଳ ଜିଲା କରମୂଳ ଆମ୍ବପଡ଼ା ଗ୍ରାମରେ ଅଭିରାମ ପରମହଂସ ଦେବଙ୍କ ବାର୍ଷିକ ୩୧ତମ ଚତୁଃପ୍ରହର ନାମଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। କରମଳା ଆଶ୍ରମର ପୂଜ୍ୟ ସଦାନନ୍ଦ ଦାସ ମହାରାଜ ଓ ଜୟଦେବ ଦାସଙ୍କ ପୌରୋହିତ୍ୟରେ ଏହି ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆମ୍ବପଡ଼ା, ଗୋରଡ଼ାପାଳ, ରାଇପାଳ ଓ ବେଢ଼ାପାଳ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଦିନତମାମ ସଂକୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ନଗର ପରିଭ୍ରମଣ ଓ ପରେ ଦଧିହାଣ୍ଡି ଭଙ୍ଗା ଯାଇଥିଲା। କର୍ତ୍ତା ଭାବେ ଶ୍ରୀନିବାସ ବେହେରା ରହିଥିବା ବେଳେ ବୁଦ୍ଧିମନ୍ତ ପୃଷ୍ଟି, ଅଚ୍ୟୁତାନନ୍ଦ ମହାନ୍ତି, ବେଣୁଧର ପାଣିଗ୍ରାହୀ, ଧ୍ରୁବଚରଣ ପଣ୍ଡା, କମଳୀ ବେହେରା, ପ୍ରମିଳା ପୃଷ୍ଟି, କମା ବେହେରା, ସଂଯୁକ୍ତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପରେ ସମସ୍ତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

# ନୂଆବଗରେ ୧୫ ବଖରା ପୋଡ଼ି ପାଉଁଶ


ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

ସାତମାଇଲ,୨୩।୩(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ନୂଆବଗ ଗାଁରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ୯ ପରିବାରର ମୋଟ ୧୫ ବଖରା ପୋଡ଼ି ପାଉଁଶ ହୋଇଯାଇଛି। କେଉଁ କାରଣରୁ ନିଆଁ ଲାଗିଥିଲା ତାହା ଅସ୍ପଷ୍ଟ ଥିବାବେଳେ ଘଟଣାସ୍ଥଳରେ ରାସୋଳ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି। ଗୁହାଳରେ ବନ୍ଧା ଯାଇଥିବା ଏକ ବାଛୁରୀ ମଧ୍ୟ ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ନୂଆବଗ ସରପଞ୍ଚ ମାନସ ଦେହୁରୀ ପହଞ୍ଚି ଅଗ୍ନି ବିପନ୍ନ ୯ ପାରିବ୍ରିବାକୁ ୩ ଦିନର ରନ୍ଧାଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରିଥିଲେ। ଗ୍ରାମର ନରିଆ ବିଶ୍ୱାଳ, ଗୋଲେଖ ବିଶ୍ୱାଳ, ଗାଣ୍ଡୁ ବିଶ୍ୱାଳ, ଦିବାକର ବିଶ୍ୱାଳ, ସୁବାସ ବିଶ୍ୱାଳ, ସିପୁନ ବିଶ୍ୱାଳ, ଭାସ୍କର ପ୍ରଧାନ, ପ୍ରକାଶ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖଙ୍କ ଘର ପୋଡ଼ି ଯାଇଥିବାରୁ ସମ୍ପୃକ୍ତ କ୍ଷତିଗ୍ରସ୍ତଙ୍କୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ଓ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ପରଜଙ୍ଗ,୨୩।୩(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତର ପଡ଼ିଆଭଙ୍ଗା ସାହିରେ ଭୟାବହ ଅଗ୍ନିକାଣ୍ଡ ଘଟି ଗ୍ରାମର ରମେଶ ଜେନାଙ୍କ ୨ ବଖରା ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ପଡ଼ୋଶୀ ଘର ଲୋକେ ଅଳିଆ ଗଦାରେ ନିଆଁ ଲଗାଇଥିଲେ। ସେହି ନିଆଁ ପାଖରେ ଥିବା ବାଡ଼ରେ ଲାଗି ରମେଶଙ୍କ ଘରେ ଲାଗିଯାଇଥିଲା। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ପରଜଙ୍ଗ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରମେଶଙ୍କ କହିବା ଅନୁଯାୟୀ, ଘର ସହ ସମସ୍ତ ସାମଗ୍ରୀ, ଧାନ, ଚାଉଳ ଆଦି ପୋଡ଼ିଯାଇଛି। ଏପରି କି ପିନ୍ଧା ଲୁଗା କି ଖାଦ୍ୟ କିଛି ନାହିଁ। ତୁରନ୍ତ ସ୍ଥାନୀୟ ପ୍ରଶାସନ ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ୧୦୧ ୟୁନିଟ୍ ରକ୍ତ ସଂଗୃହୀତ

ସାତମାଇଲ,୨୩।୩(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନ ଓ ଢେଙ୍କାନାଳ ଜିଲା ରକ୍ତଭଣ୍ଡାର ସହଯୋଗରେ ଆୟୋଜିତ ଶିବିରକୁ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେଉରା ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ଥାନୀୟ ଜନସାଧାରଣ, ପୋଲିସ କର୍ମଚାରୀ, ମେଡିକାଲ କର୍ମଚାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ରକ୍ତଦାନ କରିଥିଲେ। ସେହିପରି ଢେଙ୍କାନାଳ ଡ୍ରଗ୍ ଇନ୍ସପେକ୍ଟର ହିନ୍ଦୋଳ ବ୍ଲକ ଉପଶିକ୍ଷାଧିକାରୀ ପ୍ରମୁଖ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନାଧିକାରୀ, ଏନ୍‌ଏସି ଅଧ୍ୟକ୍ଷ, ଖବରଦାତା, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିବାବେଳେ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ରାଜନୀତି ବିଜ୍ଞାନ ବିଭାଗର ସ୍ମାରକୀ ସମ୍ମାନ



ରାଜନୀତି ବିଜ୍ଞାନ ବିଭାଗର ସ୍ମାରକୀ ସମ୍ମାନ ଅବସରରେ ଅତିଥିମାନେ।

ଢେଙ୍କାନାଳ,୨୩।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ସୋମବାର ପ୍ରଫେସର ଡ. ଶ୍ରୀରାମଚନ୍ଦ୍ର ଦାସ ସ୍ମାରକୀ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଓ ବିଶିଷ୍ଟ ବାଗ୍ମୀ ଡ. ଗିରିଶ ପ୍ରସାଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଡ. ଶ୍ରୀରାମଚନ୍ଦ୍ର ଦାସ ଓଡ଼ିଶା ରାଜନୀତି ବିଜ୍ଞାନର ଜନକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାରେ ଅର୍ଥନୀତି ବିଭାଗ ଠାରୁ ରାଜନୀତି ବିଜ୍ଞାନ ବିଭାଗକୁ ଅଲଗା କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷା ଓ ସାହିତ୍ୟ ଜଗତରେ ସେ ଜଣେ ଉଜ୍ଜ୍ୱଳ ତାରକା ଏବଂ ଦୀପ୍ତିମନ୍ତ ସୂର୍ଯ୍ୟ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅମୃତ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଆଶିଷ କୁମାର ଜେନା ଓ ଦିଲୀପ କୁମାର ମଲ୍ଲିକ ସମ୍ମାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ସ୍ମୃତି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜନସେବକ ପୂର୍ବତନ ସୈନିକ ସମନ୍ୱୟ ସମିତି ବୈଠକ

ସାତମାଇଲ,୨୩।୩(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ହାଟପଡିଆଠାରେ ଜନସେବକ ପୂର୍ବତନ ସୈନିକ ସମନ୍ୱୟ ସମିତି ପକ୍ଷରୁ ସଂଘର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ସୁବେଦାର ମେଜର ବ୍ରଜକିଶୋର ମହାପାତ୍ରଙ୍କ ପୌରୋହିତ୍ୟରେ ଓ ସମ୍ପାଦକ ହାବିଲଦାର ବିଦ୍ୟାଧର କରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସୁବେଦାର ପ୍ରମୋଦ ରାଜ, ଅନଙ୍ଗ ମହାପାତ୍ର, ପ୍ରସନ୍ନ କୁମାର ସାହୁ, ନିମାଇଁ ଚରଣ ମହାପାତ୍ର, ଉଦୟନାଥ ଆଚାର୍ଯ୍ୟ, ପରମାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପେନ୍‌ସନ୍ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗରେ ସୂଚନା ପ୍ରଦାନ କରାଯାଇଥିଲା। ଉପଖଣ୍ଡରେ ଏକ କ୍ୟାଣ୍ଟିନ ଖୋଲିବା ସହ ସଂଘର ଏକ ସ୍ଥାୟୀ କାର୍ଯ୍ୟାଳୟ ଖୋଲାଯିବାକୁ କେତେଜଣ ସଦସ୍ୟ ପ୍ରସ୍ତାବ ଦେଇଥିଲେ। ଅବସରପ୍ରାପ୍ତ ସୈନିକ ଥିବା ପଞ୍ଚାୟତରୁ ଜଣେ ପ୍ରମୁଖ ସଦସ୍ୟଙ୍କୁ ଚୟନ କରାଯାଇ ପରିଷଦରେ ସାମିଲ କରାଯାଇ ସଂଘକୁ ମଜଭୁତ କରିବାକୁ ପ୍ରସ୍ତାବ ପାରିତ ହୋଇଥିଲା।

# ୭୬ ଅଭିଯୋଗରୁ ୧୦ଟି ସମାଧାନ

ଭୁବନ,୨୩।୩(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକରଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମୋଟ ୭୬ଟି ଅଭିଯୋଗ ହୋଇଥିବାବେଳେ ୧୦ ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣ ଓ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଏଡିଏମ୍ ରମେଶ ଚନ୍ଦ୍ର ସେଠୀ, କାମାକ୍ଷାନଗର ଉପଜିଲାପାଳ ଦୀନମଣି ନାଏକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସଞ୍ଜୟ ମହାପାତ୍ର, ବିଏଫ୍‌ଓ ସୁମିତ କୁମାର କର, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ବିଡିଓ ଆୟୁଷୀ ମହାପାତ୍ର ଓ ତହସିଲଦାର ଅନୀଲ ମହାନ୍ତିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଉତ୍ତେଜନା

କଣିହାଁ,୨୩।୩(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଗୋଡ଼ିବନ୍ଧ ଠାରୁ କଣିହାଁ ଯାଇଥିବା ଜାତୀୟ ରାଜପଥ ୫୩ର ନୂଆଁ ବଲାଙ୍ଗି ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କମରେଇ ପଞ୍ଚାୟତ ଗଣ୍ଡବେରେଣା ଟେଟୁଇବେରେଣୀ ଗ୍ରାମର ସୁମନ୍ତ ଭୂତିଆ (୩୮)। ଦୁର୍ଘଟଣା ପରେ ସୋମବାର ଉତ୍ତେଜନା ଦେଖାଦେଇଥିଲା। ସୂଚନା ଅନୁଯାୟୀ, ସୁମନ୍ତ ଏନ୍‌ଟିପିସିରେ ଏକ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ବିଳମ୍ବିତ ରାତିରେ ଡ୍ୟୁଟିରୁ ଫେରୁଥିବା ସମୟରେ ତାଙ୍କୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ସମଲ ପୋଲିସ, ତାଳଚେର ଏସ୍‌ଡିପିଓ, କଣିହାଁ ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଝୁଝା କରିବା ସହିତ ଜେଆଇପିଏଲ୍, ଏନ୍‌ଟିପିସି କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକକାଳୀନ ୧୫ ଲକ୍ଷ ଟଙ୍କା ସହାୟତା, ଶୁଦ୍ଧକ୍ରିୟା ସହାୟତା ଓ ମାସିକ ଭରଣପୋଷଣ ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠା ଯାଇଥିଲା।

# ମା'ତାରିଣୀଙ୍କ ବାର୍ଷିକ ଉତ୍ସବ ଲାଗି କଳସଯାତ୍ରା


କଳସଯାତ୍ରା ଅବସରରେ ମହିଳାମାନେ।

ପରଜଙ୍ଗ,୨୩।୩(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବଜାରରେ ଥିବା ମା'ତାରିଣୀ ମନ୍ଦିରରେ ୩ ଦିନ ଧରି ହେବାକୁ ଥିବା ୧୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ଗ୍ରାମ ଖଣ୍ଡିଆବନ୍ଧ ପୋଖରୀକୁ ଯାଇ କଳସରେ ପାଣି ଆଣିଥିଲେ। ନାମ ସଙ୍କୀର୍ତ୍ତନ, ବାଜା, ବାଣ ଓ ହରିବୋଲ ହୁଳହୁଳିରେ ଗାଁ, ବଜାର ପରିକ୍ରମା କରି ମନ୍ଦିରରେ କଳସ ସ୍ଥାପନ କରିଥିଲେ। ସନ୍ତୋଷ କୁମାର ଦାସ ଓ ଶିଖା ଦାସ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଚନ୍ଦ୍ରଶେଖର ମହାପାତ୍ର ମୁଖ୍ୟ ପୂଜକ ଓ ସହଯୋଗୀ ପୂଜକ ପ୍ରମୋଦ ବିହାରୀ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ମୁଖ୍ୟ ସଞ୍ଚାଳକ ବିନୟ କୁମାର ଦଳବେହେରା ଓ କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ବାର୍ଷିକ ଉତ୍ସବ ୩ ଦିନବ୍ୟାପୀ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# 'ପରିବେଶ ପ୍ରଦୂଷଣ ଓ ଜମି ଲୁଟ୍‌କୁ ବଞ୍ଚାଇବା ଜରୁରୀ'



ଢେଙ୍କାନାଳରେ ଲୋକ ଅଧିକାର ଯାତ୍ରାର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଢେଙ୍କାନାଳ,୨୩।୩(ରତନ ନାୟାର)

**ଢେଙ୍କାନାଳରେ ପହଞ୍ଚିଲା ଲୋକ ଅଧିକାର ଯାତ୍ରା**

ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରୁ ଫେବୃଆରୀ ୨୫ରୁ ବାହାରି ଥିବା ଲୋକ ଅଧିକାର ଯାତ୍ରା ସୋମବାର ଢେଙ୍କାନାଳରେ ପହଞ୍ଚିଛି। ସକାଳେ ଲୋକ ଅଧିକାର ଯାତ୍ରା ଅନୁଗୋଳ ବାଜି ରାଉତ ଛାତ୍ରାବାସରୁ ବାହାରି ଓଡ଼ାପଡ଼ା ବ୍ଲକ ବଳରାମପୁରଠାରେ ଏକ ଜନସଭା ସ୍ଥଳରେ ପହଞ୍ଚିଥିଲା। ସେଠାରୁ ଏହା ବାହାରି ଢେଙ୍କାନାଳ ସହରଠାରେ ଜିଲା ଲେଖକ ସଂସଦ ଭବନଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ବିଶିଷ୍ଟ ସାମାଜିକକର୍ମୀ ପ୍ରଫୁଲ୍ଲ ସାମନ୍ତରାୟ କହିଲେ, ରାଜ୍ୟ ସହିତ ଢେଙ୍କାନାଳକୁ ପରିବେଶ ପ୍ରଦୂଷଣ ଓ ଜମି ଲୁଟ୍‌ରୁ ବଞ୍ଚାଇବା ଜରୁରୀ ହୋଇପଡିଛି। ଜିଲାର ଓଡ଼ାପଡ଼ା ବ୍ଲକରେ ପାୱାର ପ୍ଲାଣ୍ଟ ସ୍ଥାପନ ପାଇଁ ୨୦୧୦ ମସିହାରେ ଏକହଜାର ଏକର ଚାଷଜମି ନେଇଥିଲେ ହେଁ ଏକ କମ୍ପାନୀ ସେଠାରେ ପ୍ଲାଣ୍ଟ ପ୍ରତିଷ୍ଠା ନ କରି ସେହି ଜମିକୁ ବେଆଇନ ଭାବରେ ବିକ୍ରୟ କରିଛି। ଯାହା ଜମି ଅଧିଗ୍ରହଣ ଆଇନ ୨୦୧୩ର ଧାରା-୧୦୧ର ଉଲ୍ଲଂଘନ କରୁଛି। ନିୟମ ଅନୁଯାୟୀ ଏହି ଚାଷଜମି ପୁଣି ଚାଷୀମାନଙ୍କ ନିକଟକୁ ଫେରିଯିବା କଥା। ତେଣୁ ଜନସାଧାରଣ ଏହାକୁ ନେଇ ସଚେତନ ହୋଇ ସଙ୍ଗଠିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏନ୍‌ପିଏମ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଆବାହକ ଡ. ବିଶ୍ୱଜିତ କହିଲେ, ବ୍ୟାପକ ଭାବେ ଖଣିଜ ଦ୍ରବ୍ୟ ଓଡିଶାରୁ ଲୁଟ୍ ହୋଇଥିବା ବେଳେ ଏଠାରେ ଛୁଞ୍ଚି କାରଖାନାଟିଏ କାହିଁକି ନାହିଁ। ଏହି ଲୋକ ଅଧିକାର ଯାତ୍ରାରେ ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ଜନସ୍ୱାସ୍ଥ୍ୟ ଅଭିଯାନର ଆବାହକ ଗୌରାଙ୍ଗ ମହାପାତ୍ର, ସମାଜବାଦୀ ଜନ ପରିଷଦର ରାଜ କିଶୋର, ଜୟପ୍ରକାଶ ଆନ୍ଦୋଳନର କିଶୋର ସାହୁ, ପ୍ରମୋଦିନୀ ପ୍ରଧାନ, ଲକ୍ଷ୍ମଣ ନାୟକ, ବିଜୟ ସିଙ୍କୁ, ସୁକାନ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ ସଦର ବ୍ଲକ ବେଲଟିକିରିକୁ ଯାଇ ସେଠାରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଢେଙ୍କାନାଳରେ ଏହି ଯାତ୍ରା ପରିଚାଳନାରେ ପଙ୍କଜ ନାୟକ, ଶିଶିର ଶତପଥୀ, ଅନିଲ ସାମଲ, ଭରତ କୁମାର ଦାସ ଓ ନିରଞ୍ଜନ ପତି ପ୍ରମୁଖ ସହାୟତା କରିଥିଲେ।

### ୫୫ନଂ. ଜାତୀୟ ରାଜପଥରେ ଚଢ଼ାଉ

# ୬୦ ଗାଡ଼ିରୁ ଜରିମାନା ଆଦାୟ

ଢେଙ୍କାନାଳ,୨୩।୩(ରତନ ନାୟାର)

ଢେଙ୍କାନାଳ ସହର କଲେଜ ବାଇପାସ୍ଥିତ ୫୫ନଂ. ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ଢେଙ୍କାନାଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଟାଉନ ପୋଲିସ ସହାୟତାରେ ସ୍ୱତନ୍ତ୍ର ଚଢ଼ାଉ ଜାରି ରହିଛି। ରାତି ସାଢ଼େ ୭ଟା ସୁଦ୍ଧା ୬୦ଟି ଗାଡ଼ିରୁ ଜରିମାନା ସ୍ୱରୂପ ପ୍ରାୟ ୩ଲକ୍ଷ ଟଙ୍କା ଆଦାୟ ହୋଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ, ମଦ୍ୟପାନ କରି ଗାଡ଼ି ଚାଳନା, ହେଲମେଟ ଓ ସିଟ୍ ବେଲଟ ବ୍ୟବହାର ନ କରିଥିଲେ ଜରିମାନା କରାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ନେତୃତ୍ୱରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସାର୍ଥକ ଦତ୍ତ, ମୋଟରଯାନ ନିରୀକ୍ଷକ ସୁନିତା ପଣ୍ଡା, ଏଏସ୍‌ଆଇ ପଦ୍ମ ଭୂଷଣ ମହାନ୍ତି ପ୍ରମୁଖ ପୋଲିସ ସହାୟତାରେ ଏହି ଚଢ଼ାଉ କରିଥିଲେ।



# ଦଣ୍ଡନାଚରେ ଜାତିଆଣ ଆକ୍ଷେପ ଓ ଅଶ୍ଳୀଳତା ବନ୍ଦ ହେଉ



ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଢେଙ୍କାନାଳ,୨୩।୩(ରତନ ନାୟାର)

**ଆମ୍ବେଦକର ସେବା ସଙ୍ଗଠନ ପକ୍ଷରୁ ଧାରଣା**

ଢେଙ୍କାନାଳ ଆମ୍ବେଦକର ସେବା ସଙ୍ଗଠନର ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ଆହ୍ୱାନ କ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ଧାରଣା ଦିଆଯାଇଥିଲା। ଏହି ଧାରଣାରେ ଜିଲାର ସମସ୍ତ ବ୍ଲକର୍ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ସାମାଜିକ ସଙ୍ଗଠନର ପ୍ରତିନିଧି ଯୋଗଦାନ କରିଥିଲେ। ମୁଖ୍ୟତଃ ଦଣ୍ଡନାଚରେ ଜାତିଆଣ ଆକ୍ଷେପ ଓ ଅଶ୍ଳୀଳତା ବନ୍ଦ କରାଯିବା ଦାବିନେଇ ଏହି ଧାରଣା ଦିଆଯାଇଥିଲା।

ଢେଙ୍କାନାଳ ଜିଲାର ବିଭନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଦଣ୍ଡନାଚରେ ଜାତିବାଦ ଓ ଅଶ୍ଳୀଳତା ବିରୋଧରେ ଏସ୍‌ଓପି ଜାରି କରିବା, ସମସ୍ତ ଉପଜିଲାପାଳ, ବ୍ଲକ ଅଧିକାରୀ, ତହସିଲଦାର, ପୌରାଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ ଓ ଏସ୍‌ପିଙ୍କ ମିଳିତ ଆନୁକୂଲ୍ୟରେ କମିଟି ଗଠନ କରି ଦଣ୍ଡନାଚ ଅନୁମତି ବାଧ୍ୟତାମୂଳକ କରାଯାଉ, ଦଣ୍ଡନାଚରେ ଅନୁସୂଚିତ ଜାତି ଜନଜାତି ନିର୍ଯାତନା ନିବାରଣ ଆଇନ୍ ଓ ସମ୍ବିଧାନ ବିରୋଧୀ ପ୍ରଦର୍ଶନକୁ ବନ୍ଦ କରିବା ପାଇଁ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୪ କୋଷ ସମାଜର ସଭାପତି ୱାଲି ଗୋଚ୍ଛାୟତ, ସମ୍ପାଦକ ଆକୁଳ ଗୋଚ୍ଛାୟତ, ନୀଳମାଧବ ଶବର ସଂଘର ବନମାଳୀ ଦାସ, ଗୌତମ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସଙ୍ଗଠନର କାର୍ଯ୍ୟକର୍ତ୍ତା ପଦ୍ମଚରଣ ନାଏକ, ଗୌତମ ପାତ୍ର, ଭିକାରୀ ନାଏକ, ଲମ୍ବୋଦର ନାଏକ, ଅକ୍ଷୟ ମଲ୍ଲିକ, ସୁରେଶ ନାଏକ, ବାଇଧର ନାଏକ, ସୁଜାତା ନାହାକ, ସୀମା ନାଏକ, ସଞ୍ଜୟ ନାଏକ, ଆଇନ୍‌ଜୀବୀ ପଦ୍ମିନୀ ନାଏକ, ପ୍ରଦ୍ୟୁମ୍ନ ନାଏକ, ସାମାଜିକ କର୍ମୀ ସରୋଜ କୁମାର ଶତପଥୀ, ରାଜୀବ କର, ଅବଦୁଲ ୱାଲୀ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ଚିତ୍ରସେନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**କାର୍-ବାଇକ୍ ଧକ୍କା, ଜଣେ ଗୁରୁତର**

ବଇଣ୍ଡା, (ପରିକ୍ଷିତ ସାହୁ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା କଦଳୀମୁଣ୍ଡା ନିକଟରେ ସୋମବାର ଏକ କାର୍ ସହ ବାଇକ୍ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ କହିଛି, ବଇଣ୍ଡାରୁ ଅନୁଗୋଳ ଅଭିମୁଖେ ଏକ କାର (ନଂ. ଓଡି ୧୧ ବି ୦୯୦୦) ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ (ନଂ. ଓଡି ୧୯ ଡବ୍ଲୁ ୨୪୩୩) ସହ ଧକ୍କା ହୋଇଥିଲା। ବଇଣ୍ଡା ଫାଣ୍ଡି ପୋଲିସ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।



# ରହଣି କରୁନାହିଁ ୧୨ ଏକ୍ସପ୍ରେସ୍ ଟ୍ରେନ୍

- ବଇଣ୍ଡା ଷ୍ଟେଶନ ପ୍ରତି ରେଲ୍‌ୱେର ଅବହେଳା ଅଭିଯୋଗ
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ୫୦ ପଞ୍ଚାୟତର ଯାତ୍ରୀ
- ଟ୍ରେନ୍ ଧରିବାକୁ ଯାଉଛନ୍ତି ଅନୁଗୋଳ ନଚେତ ରେଢ଼ାଖୋଲ




**ବଇଣ୍ଡା, ୨୩।୩ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ବଇଣ୍ଡା ରେଳ ଷ୍ଟେଶନ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ଏହି ଷ୍ଟେଶନ ଦେଇ ୨୪ଟି ଏକ୍ସପ୍ରେସ୍ ଟ୍ରେନ୍ ଯାଉଥିବାବେଳେ ଏବେ ସେଥିରୁ ୧୨ଟି ଏକ୍ସପ୍ରେସ୍ ଟ୍ରେନ୍ ଏଠାରେ ରହଣି କରୁନାହିଁ। ଫଳରେ ବଇଣ୍ଡା ଷ୍ଟେଶନ ଉପରେ ନିର୍ଭର କରୁଥିବା ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଏହି ଷ୍ଟେଶନରୁ ମାସିକ ୬ ଲକ୍ଷ ଟଙ୍କାର ରାଜସ୍ୱ ରେଲୱେ ପାଉଥିଲେ ହେଁ ଯାତ୍ରୀ ପରିବହନ ବ୍ୟବସ୍ଥା ପ୍ରତି ଏପରି ଅବହେଳା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏ ନେଇ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଗତ ଶନିବାର ଇ-ମେଲ୍ ଯୋଗେ ରେଳମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ଉକ୍ତ ଦାବିପତ୍ରରେ ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ଷ୍ଟେଶନ ହେଉଛି ବଇଣ୍ଡା ରେଳ ଷ୍ଟେଶନ। ଏହି ଷ୍ଟେଶନ ଦେଇ ଭୁବନେଶ୍ୱର -ବଲାଙ୍ଗୀର, ରାଉରକେଲା-ଭୁବନେଶ୍ୱର, ବିଶାଖାପାଟଣା-ଅମୃତସର, ପୁରୀ-ହାଟିଆ, ଦୁର୍ଗ-ପୁରୀ, ଭୁବନେଶ୍ୱର- ଲୋକମାନ୍ୟତିଲକ, ପୁରୀ-ଲୋକମାନ୍ୟତିଲକ, ଭୁବନେଶ୍ୱର-ଆନନ୍ଦବିହାର, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍, ବିକାନିର -ପୁରୀ, ପୁରୀ-ଯୋଧପୁର, ସମ୍ବଲପୁର-ପୁରୀ ଇଣ୍ଟରସିଟି, ପୁରୀ-ସୁରଟ, ବନ୍ଦେ ଭାରତ ଏକ୍ସପ୍ରେସ, ପୁରୀ-ଗାନ୍ଧୀଧାମ, ପୁରୀ-ଶିରିଡ଼ି ଏକ୍ସପ୍ରେସ, ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ, ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ ଆଦି ୨୪ଟି ଏକ୍ସପ୍ରେସ ଟ୍ରେନ୍ ଯାତାୟାତ କରୁଛି। ହେଲେ ସେଥିରୁ ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍, ଭୁବନେଶ୍ୱର-ବଲାଙ୍ଗୀର, ରାଉରକେଲା ଇଣ୍ଟରସିଟି, ଭୁବନେଶ୍ୱର ଠାରୁ ପୁରୁଣା କଟକ, ସମ୍ବଲପୁରରୁ ଶାଳିମାର, ପୁରୀ-ଦୁର୍ଗ, ପୁରୀ-ଅହମଦାବାଦ, ନୂଆ ଭୁବନେଶ୍ୱର -ବୌଦ୍ଧ, ତପସ୍ୱିନୀ ସହ ୨ଟି ପାସେଞ୍ଜର ଟ୍ରେନ୍‌କୁ ଛାଡି ଦେଲେ ଅନ୍ୟ ଟ୍ରେନଗୁଡିକ ରହୁନାହିଁ। କରୋନା ପୂର୍ବରୁ ଏହି ଷ୍ଟେଶନ ଦେଇ ଯାଉଥିବା ପୁରୀ-ବିକାନୀର, ରାଉରକେଲା-ଗୁଣୁପୁର ରାଜ୍ୟରାଣୀ ଏକ୍ସପ୍ରେସ, ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ ଏଠାରେ ରହଣି କରୁଥିବାବେଳେ କରୋନା ପରଠାରୁ ଏହି ଟ୍ରେନ୍‌ଗୁଡିକ ବଇଣ୍ଡା ଷ୍ଟେଶନଠାରେ ଆଉ ରହୁନାହିଁ। ଫଳରେ ଏହି ଟ୍ରେନ ସହ ଅନ୍ୟ ଟ୍ରେନ୍‌ଗୁଡ଼ିକ ଉପରେ ନିର୍ଭର କରୁଥିବା କିଶୋରନଗର, ଆଠମଲ୍ଲିକ, ଛେଣ୍ଡିପଦା ବ୍ଲକର ୫୦ଟି ପଞ୍ଚାୟତର ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ବଇଣ୍ଡା ଷ୍ଟେଶନଠାରୁ ୫୫ କି.ମି. ଦୂର ରେଢ଼ାଖୋଲ କିମ୍ବା ୪୫ କି.ମି. ଦୂର ଅନୁଗୋଳ ଷ୍ଟେଶନକୁ ଯାଇ ଉକ୍ତ ଟ୍ରେନ୍‌ଗୁଡ଼ିକୁ ଧରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ବଇଣ୍ଡାଠାରେ ସମସ୍ତ ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ବଇଣ୍ଡା ଗ୍ରାମବାସୀ ୧୨ ମେ ୨୦୨୧ ଓ ୫ ଜୁନ ୨୦୨୨, ୨୫ ମାର୍ଚ୍ଚ ୨୦୨୫ରେ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଏଥିପ୍ରତି ରେଲୱେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବଇଣ୍ଡା ଷ୍ଟେଶନ ମାଷ୍ଟର ଠାକୁର ମେହେର କହିଛନ୍ତି, ରେଳ ଷ୍ଟେଶନର ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ।

### ବହୁବାର ଦାବିପତ୍ର ଦିଆଯାଇଛି



"ବଇଣ୍ଡା ରେଳଷ୍ଟେଶନ ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ଷ୍ଟେଶନ ହୋଇଥିବାରୁ ଏଠାରେ ସମସ୍ତ ଟ୍ରେନ୍ ରହିବା ଆବଶ୍ୟକ। ଏ ନେଇ ବହୁବାର ଦାବିପତ୍ର ଦିଆଯାଉଥିଲେ ହେଁ ପଦକ୍ଷେପ ନିଆଯାଉ ନାହିଁ। ଲୋକେ କିପରି ସୁବିଧାରେ ଯା ଆସ କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉ।

—ଅଞ୍ଜନ କୁମାର ପ୍ରଧାନ, ଆଠମଲ୍ଲିକ କ୍ରିମିନାଲ ବାର୍ ସଭାପତି

### ଦୁର୍ଭାଗ୍ୟଜନକ ଘଟଣା



"ବଇଣ୍ଡା ଭଳି ଗୁରୁତ୍ୱବହନ କରୁଥିବା ଷ୍ଟେଶନରେ ୧୨ଟି ଏକ୍ସପ୍ରେସ୍ ଟ୍ରେନ୍ ହଲ୍ଟ ନ କରିବା ଦୁର୍ଭାଗ୍ୟଜନକ ଘଟଣା। ସମସ୍ତ ଟ୍ରେନ୍ ରହଣି ପାଇଁ ବହୁବାର ରେଲୱେ ଅଧିକାରୀଙ୍କଠାରୁ ଆରମ୍ଭ କରି ରେଳମନ୍ତ୍ରୀଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯାଇଛି। ହେଲେ କେହି ଶୁଣୁନାହାନ୍ତି।

—ଦୀପ୍ତିମୟୀ ସାହୁ, ସରପଞ୍ଚ ନୁନୁକାପଶି

### ଯାତ୍ରୀମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି



"ବଇଣ୍ଡା ଷ୍ଟେଶନ ଉପରେ ଆଠମଲ୍ଲିକ, କିଶୋରନଗର ଓ ଛେଣ୍ଡିପଦା ବ୍ଲକର ଯାତ୍ରୀମାନେ ନିର୍ଭର କରିଥାନ୍ତି। ହେଲେ ପୂର୍ବରୁ ରହୁଥିବା ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକ ଏବେ ରହୁ ନ ଥିବା ଯୋଗୁ ଏହି ଅଞ୍ଚଳର ଶ୍ରମିକମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ଅନୁଗୋଳ ରେଳଷ୍ଟେଶନ ଉପରେ ନିର୍ଭର କରୁଛନ୍ତି।

—ଭାଗୀରଥି ପ୍ରଧାନ, ବିଜେଡି ନେତା

### ଷ୍ଟେଶନର ବିକାଶ କରାଯାଉ ନାହିଁ



"ଷ୍ଟେଶନର ୨୦ ଷ୍ଟ୍ରିଟ୍ ଲାଇଟ ମଧ୍ୟରୁ ୧୦ଟି ଅଚଳ ହୋଇପଡିଛି। ଫଳରେ ଯାତ୍ରୀମାନେ ରାତିରେ ନିରାପଦ ମଣୁନାହାନ୍ତି। ବିଳମ୍ବିତ ରାତିରେ ଆସୁଥିବା ଯାତ୍ରୀଙ୍କଠାରୁ ଲୁଟପାଟ ହେଉଛି। ରେଲୱେ ମାସିକ ୬ ଲକ୍ଷ ଟଙ୍କା ରାଜସ୍ୱ ପାଉଥିବାବେଳେ ଷ୍ଟେଶନର ଆବଶ୍ୟକ ବିକାଶ ପ୍ରତି ଦୃଷ୍ଟି ଦେଉନାହିଁ।

—ଲଳିତ କୁମାର ସାହୁ, ବିଡିସିଙ୍ଗ

## ବିଶ୍ୱ ଜଳ ଦିବସରେ ସଚେତନତା କାର୍ଯ୍ୟକ୍ରମ




ବିଶ୍ୱ ଜଳ ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

**ବଇଣ୍ଡା, ୨୩।୩ (ପରିକ୍ଷିତ ସାହୁ)**

ବିଶ୍ୱ ଯୁବ କେନ୍ଦ୍ର ବଣିନାଳୀର ୪୦ ବର୍ଷ ପୂର୍ତ୍ତି ଓ ବିଶ୍ୱ ଜଳ ଦିବସ କିଶୋରନଗର ବ୍ଲକ କ୍ଷେତ୍ରପାଳ ଗ୍ରାମରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଯୁବକେନ୍ଦ୍ରର ସଦସ୍ୟ ଓ କ୍ଷେତ୍ରପାଳ ଗ୍ରାମ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ଜଳର ସର୍ବୋତ୍ତମ ବ୍ୟବହାର, ସରକ୍ଷଣ, ପରିମଳ ଆଦି ବିଷୟରେ ଆଲୋଚନା କରିଥିଲେ। ସନ୍ଦର୍ଭ ବ୍ୟକ୍ତି ଭାବେ ସାମାଜିକ କର୍ମୀ ଗୋବିନ୍ଦ ଶଙ୍ଖାରୀ ପାନୀୟ ଜଳର ଉତ୍ତମ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଗ୍ରାମ ସଭାପତି ଅନନ୍ତ ବେହେରା, ସଙ୍ଗଠିକା ଚନ୍ଦ୍ରାବତୀ ପଧାନ, ଯୁବସାଥୀ ଯଶୋବନ୍ତ ଭୋଇ ଓ ବିଶ୍ୱ ଯୁବ କେନ୍ଦ୍ରର ପ୍ରୋଗ୍ରାମ ଅଫିସର ଅଭିଷେକ ମହାପାତ୍ର ସହଯୋଗ କରିଥିଲେ। ଅଭୟ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ଠାକୁରଗଡ଼ କପ୍ ଉଦ୍‌ଯାପିତ

**ବଇଣ୍ଡା, ୨୩।୩ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଖେଳ ପଡିଆରେ ଉତ୍ତମ ମେମୋରିଆଲ ଠାକୁରଗଡ଼ କପ୍ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପର୍ଣ୍ଣୁମାଳ ଓ ସାନହୁଲା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ପର୍ଣ୍ଣୁମାଳ ଟିମ୍ ଚାମ୍ପିୟନ ହୋଇଥିଲା। ଜୀତେନ୍ଦ୍ର ଦେହୁରୀ, ସୁନୀଲ ଲହରା ଓ ପ୍ରବୀଣ କୁମାର ସାହୁ, ପିଣ୍ଟୁ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସନ୍ତୋଷ ସାହୁ, ଶୁଭକାନ୍ତ ପ୍ରଧାନ, ସୌରଭ ମିଶ୍ର, ବିଭୁ ପ୍ରସାଦ ସେନାପତି, ଅଖିଳ ମଇଉଦ୍ଦିନ ଓ ଧନଞ୍ଜୟ ନାୟକ ଯୋଗଦେଇଥିଲେ। ଚାମ୍ପିୟନ ପର୍ଣ୍ଣୁମାଳ ଟିମ୍‌କୁ ଟ୍ରଫି ସହ ୨୫ ହଜାର ୫୫୫ ଟଙ୍କା ଓ ରନରଅପ ସାନହୁଲା ଟିମ୍‌କୁ ଟ୍ରଫି ସହ ୧୫ ହଜାର ୫୫୫ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟକୁ ଶକ୍ତି, ପିଣ୍ଟୁ, ଲିଟୁ, କାହ୍ନୁ, ସିପୁନ, ସିଲନ, ହିମାଂଶୁ, ଲିଙ୍କୁ, ବାପୁନି, ରାଜା, ଚିନୁ, ଶ୍ରୀନୁ ଓ ପ୍ରବୀଣ ପ୍ରମୁଖ ପରିଚାଳନା କରିଥିଲେ।

## ରାସ୍ତା ପାର୍ଶ୍ୱରେ ଥିବା ଟିପ୍ପର ଜଳିଗଲା



**ବଁଅରପାଳ, ୨୩।୩ (ସୁବାସ ସାହୁ)**

କଟକ- ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ନାଲ୍‌କୋ ଥାନା ସିପିପି ଛକ ନିକଟ ମାଛ ଗୋଦାମ ପାଖ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ୧୦ ଚକିଆ ଟିପ୍ପରରେ ଅଗ୍ନିକାଣ୍ଡ ଘଟିଥିବା ଖବର ମିଳିଛି। ଚାଳକ ଜୟନ୍ତ ଦେହୁରୀଙ୍କ କହିବା ଅନୁଯାୟୀ, ସେ ଗାଡି (ନଂ. ଓଡି୧୯ଏଲ୍୯୮୮୩ )କୁ ରଖି ଜଳଖିଆ ଖାଇବା ପାଇଁ ଯାଇଥିଲେ। ଫେରିଆସି ଦେଖିଲେ, ଟିପରର ସମ୍ମୁଖ ଭାଗରେ ନିଆଁ ଲାଗିଯାଇଛି। ପ୍ରାଥମିକ ତଦନ୍ତରୁ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଟିପ୍ପରର ସମ୍ମୁଖ ଅଂଶ ପୂରା ପୋଡିଯାଇଛି। ଖବରପାଇ ନାଲ୍‌କୋ ଓ ବୁଢାପଙ୍କ ଅଞ୍ଚଳରୁ ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ଏହି ଅଗ୍ନିକାଣ୍ଡ ବେଳେ କିଛି ସମୟ ପାଇଁ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ତାଳଚେର, ୨୩।୩ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେର ବ୍ଲକ ସ୍କଟଲାଣ୍ଡପୁର ଠାରେ ଅବସରପ୍ରାପ୍ତ କର୍ମଚାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ. ଆହ୍ଲାଦ ସିଂ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କନ୍ଦର୍ପ ସାହୁ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଧୀରା ଦାସ ଆଧ୍ୟାତ୍ମିକ ଦର୍ଶନ ଓ ଚିନ୍ତନ ଉପରେ ବକ୍ତବ୍ୟ ରଖିଥିବାବେଳେ କଳ୍ପନା ବୋଇତି ସାମାଜିକ କଲ୍ୟାଣ ନିମନ୍ତେ ପ୍ରସ୍ତାବ ରଖିଥିଲେ। ଆଗାମୀ ଦିନରେ ସଭ୍ୟ ସଂଖ୍ୟା ବୃଦ୍ଧି କରାଯିବା ଉପରେ ବୈଠକରେ ମତପ୍ରକାଶ ପାଇଥିଲା। ଦିବଂଗତ ୨ ସଭ୍ୟଙ୍କ ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତ୍ୟେକ ବର୍ଷ ସବୁଠାରୁ ବୟସ୍କ ସଭ୍ୟଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଡ. ବିନୟ ଖିଲାର ଧନ୍ୟବାଦ ପ୍ରଦାନ କରିଥିଲେ।

## ରାସ୍ତା ଉପରେ ବୋହୁଛି ନର୍ଦ୍ଦମା ପାଣି



**ଅନୁଗୋଳ, ୨୩।୩(ଦିବ୍ୟଶାନ୍ତନୁ ନାଥ)**

ଅନୁଗୋଳ ପୌରପାଳିକା ୧୦ ନମ୍ବର ୱାର୍ଡ ମଧ୍ୟରେ ଥିବା ମାଟିଆସାହି ଛକରେ ଦୀର୍ଘଦିନ ହେବ ସର୍ବସାଧାରଣ ରାସ୍ତା ଉପରେ ନର୍ଦ୍ଦମା ପାଣି ବୋହୁଥିବା ଦେଖାଯାଇଛି। ବର୍ତ୍ତମାନ ଖରା ଦିନ ହୋଇଥିବା ବେଳେ ଏଠାରେ ଥିବା ଡ୍ରେନ୍ ମଧ୍ୟରୁ ପାଣି ଉଛୁଳି ରାସ୍ତାରେ ବୋହୁଛି। ବର୍ଷା ସମୟରେ ମାସମାସ ଧରି ରାସ୍ତା ଉପରେ ପାଣି ସ୍ରୋତ ଲାଗି ରହିଥାଏ। ନିକଟରେ ଥିବା ଏକ ପରିତ୍ୟକ୍ତ ଡ୍ରେନ ଦୀର୍ଘଦିନ ଧରି ସଫା ହେଉ ନ ଥିବାବେଳେ ଏହାର କାନ୍ଥ ଭାଙ୍ଗି ଯାଇଛି। ଫଳରେ ଡ୍ରେନ ମଧ୍ୟରେ ପ୍ରବାହିତ ହେଉଥିବା ପାଣି ରାସ୍ତା ଉପରକୁ ଆସୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରୁଥିବା ବେଳେ ବିଦ୍ୟାଳୟ, ସାପ୍ତାହିକ ହାଟକୁ ଯାଇଥାନ୍ତି। ଏପରିକି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ଏହି ସ୍ଥାନରେ ରହିଛି। କୌଣସି କାରଣବଶତଃ ଶର୍ଟସର୍କିଟ ହେଲେ ଏହା ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ଯଥାଶୀଘ୍ର ଏହି ଡ୍ରେନ୍‌ର ମରାମତି ସହ ଡ୍ରେନ ପାଣି ଯେପରି ରାସ୍ତା ଉପରକୁ ନ ଆସିବ ସେ ନେଇ ପୌରପାଳିକା ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପୋତି ହୋଇଗଲାଣି ମାଟିଆସାହି ଡ୍ରେନ୍

## ମଧୁରଜଳ ହ୍ରାସ ରୋକିବାକୁ ପରାମର୍ଶ

**ତାଳଚେର, ୨୩।୩(ମନୋଜ ନନ୍ଦ)**

ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ଅନୁଗୋଳ ଜିଲା ତରଫରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରବିବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହପ୍ରାନ୍ତ ପ୍ରଚାରକ ଅସିତ୍ କୁମାର ସାହୁ ଯୋଗଦେଇ ଦିନକୁଦିନ ମଧୁରଜଳର ପରିମାଣ ହ୍ରାସ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଜଳ ଦୂଷିତ ନେଇ ସମଗ୍ର ପ୍ରାଣୀ ସମାଜ ସତର୍କ ନ ହେଲେ ଆଗାମୀ ପିଢ଼ି ପାଇଁ ଜୀବନ ଧାରଣ ଦୁର୍ବିଷହ ହୋଇ ପଡିବ। ତେଣୁ ବର୍ତ୍ତମାନଠାରୁ ସମସ୍ତେ ସଚେତନ ଓ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପୂର୍ବପ୍ରାନ୍ତ ଓ ବିଶିଷ୍ଟ ଅତିଥି ଭାବେ ତନ୍ମୟ କୁମାର ମହାପାତ୍ର, ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ଶାନ୍ତନୁ ମାଝୀ, ପୂର୍ବପ୍ରାନ୍ତ ସେବା ପ୍ରମୁଖ ଚିନ୍ମୟ କୁମାର ରଥ, ଢେଙ୍କାନାଳ ବିଭାଗ ପ୍ରଚାରକ ଓ ସହ ଜିଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ଗୋବର୍ଦ୍ଧନ ପୀଠର ସେବା ସଚିବ ବରୁଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଅନୁଗୋଳ ଜିଲା ପର୍ଯ୍ୟାବରଣ ପ୍ରମୁଖ ଆଇନଜୀବୀ ବାଉରୀବନ୍ଧୁ ବେଜ ଦିବସର ମହତ୍ତ୍ୱ ସମ୍ବନ୍ଧରେ ସୂଚନା ଦେଇଥିଲେ। ପର୍ଶୁରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବଇଣ୍ଡା, ୨୩।୩ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଛକସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ସୋମବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହଣ୍ଡପା ଆଇଆଇସି ରାଜେଶ କୁମାର ଶତପଥୀ ଯୋଗଦେଇ ବିକାଶମୂଳକ କାର୍ଯ୍ୟ କିପରି ହୋଇପାରିବ ସେ ନେଇ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମଞ୍ଚର ଏକ ଲୋଗୋ ଉନ୍ମୋଚିତ ହୋଇଥିଲା। ଆଠମଲ୍ଲିକ ଉପଖଣ୍ଡରେ ଥିବା ଅବହେଳିତ ଲୋକଙ୍କ ପାଇଁ ବାସଗୃହ ସରକାର ନିର୍ମାଣ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ତ୍ରିପାଠୀ, ସନାତନ ସାହୁ, କୈଳାସ ପ୍ରଧାନ, ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭଗବାନ ପ୍ରଧାନ, ଅବସରପ୍ରାପ୍ତ ସୈନିକ ସୁକାନ୍ତ ରଣା ଯୋଗ ଦେଇଥିଲେ। ଚିନ୍ତାମଣି ସାହୁ ପରିଚାଳନା କରିଥିବା ବେଳେ ଶ୍ରୀଧର ବେହେରା, ଅର୍ଜ୍ଜୁନ କୁମାର ସାହୁ, ସଞ୍ଜୟ କୁମାର ପ୍ରଧାନ, ବସନ୍ତ ଗଡ଼ନାୟକ, ଭୀମସେନ ପ୍ରଧାନ, ଭଗବାନ ଘିୱାଲା, ରତ୍ନାକର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

## ମା' ଗ୍ରାମେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ତାଳଚେର, ୨୩।୩(ମନୋଜ ନନ୍ଦ)**

ତାଳଚେର ବ୍ଲକ ବଡ଼ଯୋରଡ଼ା ଗ୍ରାମରେ ଥିବା ଇଷ୍ଟଦେବୀ ମା' ଗ୍ରାମେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳନ କରାଯାଇଛି। ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଏହି ମହୋତ୍ସବରେ ଜିଲା ପରିଷଦ ସଦସ୍ୟ ଅମିୟ ପ୍ରଧାନ, ବଡ଼ଯୋରଡ଼ା ସରପଞ୍ଚ ଜିତେନ କୁମାର ବେହେରା, ସମିତି ସଭ୍ୟ ବିକ୍ରମ ଭୋଇଙ୍କ ସହିତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ମିଥ୍ୟାବିଲ୍ କରି ଟଙ୍କା ଉଠାଇବା ଉଦ୍ୟମ ଅଭିଯୋଗ

**ପାଲଲହଡ଼ା, ୨୩।୩ (ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ବ୍ଲକର କେତେକ ସ୍ଥାନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ମିଥ୍ୟା ବିଲ୍ କରାଯାଇ ଟଙ୍କା ଉଠାଇବାକୁ ଉଦ୍ୟମ କରାଯାଉଥିବା ନେଇ ସୋମବାର ପାଲଲହଡା ଉପଖଣ୍ଡରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ବ୍ଲକ ଅଧକ୍ଷା ରୀନାରାଣୀ ନାଏକ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝୀ, ବରଡ଼ିହ ସରପଞ୍ଚ କପି ଦେହୁରୀ, ସମିତି ସଭ୍ୟ ମଦନ ଦେହୁରୀ ଜନଶୁଣାଣି ଶିବିରରେ ପହଞ୍ଚି ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି କରାଯାଇଛି। ଏପରି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିବୁ ବୋଲି ଚେତାବନୀ ଦିଆଯାଇଛି। ଅତିରିକ୍ତ ଜିଲାପାଳ ମହାପାତ୍ର ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ନିଶାନ ମିଶ୍ରଙ୍କ ମତାମତ ମିଳିପାରି ନାହିଁ।

## ଭଗତ ସିଂହଙ୍କ ଶହୀଦ ଦିବସ ପାଳିତ



ଶହୀଦ ଦିବସ ପାଳନ ଅବସରରେ କର୍ମକର୍ତ୍ତାମାନେ।

**ଅନୁଗୋଳ, ୨୩।୩(ଦିବ୍ୟଶାନ୍ତନୁ ନାଥ)**

ଶହୀଦ-ଏ-ଆଜମ ଭଗତ ସିଂହଙ୍କ ଶହୀଦ ଦିବସ ଉପଲକ୍ଷେ ତୁକୁଡା ରାଜସଂସ୍କାର କମିଟି ଏବଂ ଡି.ୱାଇ.ଓ. ଉଦ୍ୟମରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଯୁବ ସଙ୍ଗଠକ ସୁମନ୍ତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଭଗତ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅତିଥିଭାବେ ଡି.ୱାଇ.ଓ. ଜିଲା ସଭାପତି ନିରଞ୍ଜନ ନାୟକ ଏବଂ ମୁଖ୍ୟବକ୍ତା ଭାବେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂହଙ୍କ ବୈପ୍ଳବିକ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜସଂସ୍କାର କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ବ୍ୟାସଦେବ ମହାପାତ୍ର, ରାକେଶ ସାହୁ, ସାଗର ସାହୁ, ଚନ୍ଦନ କୁମାର ସାହୁ, ହରିଶ୍ଚନ୍ଦ୍ର ସାହୁ, ସୁଜିତ ସାହୁ, କିଶୋର ଚନ୍ଦ୍ର ସାହୁ, ପ୍ରବୀର ବେହେରା, ରୁଦ୍ର ପ୍ରତାପ ସାହୁ, ଯୁବ ସଙ୍ଗଠକ ଭରତ କୁମାର ନାଏକ, ଦୁଃଖବନ୍ଧୁ ବେହେରାଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## ପ୍ରତି ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ନିର୍ଦ୍ଦେଶ

### ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା ବୈଠକ




ଛାତ୍ରୀଛାତ୍ରଙ୍କ ସହ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଓ ଜିଲାପାଳ।

**ଅନୁଗୋଳ, ୨୩।୩(ଦିବ୍ୟଶାନ୍ତନୁ ନାଥ)**

ରାଜ୍ୟ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭ ଶର୍ମା ସୋମବାର ଅନୁଗୋଳ ଜିଲା ଗସ୍ତ କରି ବିଭିନ୍ନ ଜନହିତକର ଯୋଜନା ଓ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପାନୀୟ ଜଳ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟକୁ ସେ ତଦାରଖ କରିଛନ୍ତି। ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ରହି ସହଯୋଗ କରିଥିଲେ।

ଏହି ଅବସରରେ ସଚିବ ପୁରୁଣାକୋଟ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଜଳ ଯୋଗାଣ, ଛାତ୍ରୀଛାତ୍ରଙ୍କ ମାସିକ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ଶିକ୍ଷକ ଓ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସେ ଜଗନ୍ନାଥପୁର ଅଙ୍ଗନୱାଡ଼ି କେନ୍ଦ୍ର ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତ କରି ପିଲାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ରନ୍ଧନ ଗ୍ୟାସ୍ ସଂଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଜଗନ୍ନାଥପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଉପସ୍ଥିତ ଆୟୁଷ୍ମାନ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ବନ୍ତଳାସ୍ଥିତ ମହୁ ଚାଷ କ୍ଲଷ୍ଟର ପରିଦର୍ଶନ ସମୟରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମହୁ ଚାଷରେ ବାର୍ଷିକ ଆୟ ସମ୍ପର୍କରେ ପଚାରିଥିଲେ। ବସଲା ପଞ୍ଚାୟତରେ ସୁଭଦ୍ରା ମିଶନରେ ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରି ଶିବଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରଶଂସା କରିଥିଲେ। ବଲଙ୍ଗ ସ୍ଥିତ ହିଡ଼ସିଂହ ଜଳସେଚନ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରି 'ଜଳ ଜୀବନ. ମିଶନ' ଯୋଜନାରେ ବଲାସିଂହା ପଞ୍ଚାୟତର ପଣ୍ଡପୁର ଓ ବିଶ୍ୱନାଥପୁରରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରି ପ୍ରତ୍ୟେକ ପରିବାରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଚନ୍ଦ୍ରବାହଳ ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ରରେ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୋବାଇଲ ଫୋନ ମରାମତି ତାଲିମ କେନ୍ଦ୍ର ପରିଦର୍ଶନ କରି ଆତ୍ମ ନିର୍ଭରଶୀଳ ହେବା ପାଇଁ ଯୁବତୀମାନଙ୍କୁ ଉପଦେଶ ଦେଇଥିଲେ। ଶେଷରେ ସଚିବ ଅନୁଗୋଳ ଜେଲ୍‌ରେ ଥିବା ଖଦି ହ୍ୟାଣ୍ଡଲୁମ ଲ୍ୟାବ ଓ ମଷ୍ଟାର୍ଡଅଏଲ ମେକିଂ ଲ୍ୟାବ ପରିଦର୍ଶନ କରି ଜେଲ ପରିସରରେ ଚାଲିଥିବା ମାଛ ଚାଷ ପ୍ରକଳ୍ପର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

